ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Culture(OD)/891/30-08-2021**

## ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନ ସମାରୋହ
## ଅନନ୍ତ ମହାପାତ୍ର ଓ କୁମ୍‌କୁମ୍ ମହାନ୍ତିଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ

ଭୁବନେଶ୍ୱର, ଅଗଷ୍ଟ ୩୦, ୨୦୨୧

ଆଜି ସନ୍ଧ୍ୟାରେ ରବିନ୍ଦ୍ରମଣ୍ଡପଠାରେ ୨୦୧୯ ଓ ୨୦୨୦ ବର୍ଷ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ସହ ସୁନନ୍ଦା ସମ୍ମାନ ଓ ସାରଦା ପ୍ରସନ୍ନ ସମ୍ମାନ ଓ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ । ୨୦୧୯ ବର୍ଷ ପାଇଁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ବିଶିଷ୍ଟ ନାଟ୍ୟକାର ତଥା ମଞ୍ଚନିର୍ଦ୍ଦେଶକ ଶ୍ରୀ ଅନନ୍ତ ମହାପାତ୍ର ଓ ୨୦୨୦ ବର୍ଷ ପାଇଁ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା । ସେହିପରି ନୂତନ ଭାବେ ପ୍ରବର୍ତ୍ତିତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତ ନିମନ୍ତେ ପଦ୍ମଶ୍ରୀ ଡ. ସୁନନ୍ଦା ପଟ୍ଟନାୟକଙ୍କ ସ୍ମୃତିରେ ୨୦୧୯ ବର୍ଷ ପାଇଁ ସୁନନ୍ଦା ସମ୍ମାନ ଡ. ରଘୁନାଥ ସାହୁ ଓ ୨୦୨୦ ବର୍ଷ ପାଇଁ ଶ୍ରୀମତୀ ବନ୍ଦିତା ରାୟଙ୍କୁ ପ୍ରଦାନ କରାଯାଇଥିଲା । ଏଥି ସହିତ ଲବ୍ଧପ୍ରତିଷ୍ଠିତ ଗୀତିକାର ସ୍ୱର୍ଗତ ସାରଦା ପ୍ରସନ୍ନ ନାୟକଙ୍କ ସ୍ମୃତିରେ ପ୍ରବର୍ତ୍ତିତ ସାରଦା ଗୀତିକବିତା ସମ୍ମାନ ୨୦୧୯ ବର୍ଷ ପାଇଁ ଶ୍ରୀ ବିନୋଦ କୁମାର ପଶାୟତ ଓ ୨୦୨୦ ବର୍ଷ ପାଇଁ ଡ. ଅଲେଖ ଚନ୍ଦ୍ର ପଢ଼ିହାରୀଙ୍କୁ ପ୍ରଦାନ କରାଯାଇଛି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ନିମନ୍ତେ ପ୍ରତି ପ୍ରାପକଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥରାଶି ସହିତ ଅଙ୍ଗବସ୍ତ୍ର, ପ୍ରଶସ୍ତିପତ୍ର ଓ ବୃକ୍ଷଚାରା ପ୍ରଦାନ କରାଯାଇଥିବାବେଳେ ସୁନନ୍ଦା ସମ୍ମାନ ଓ ସାରଦା ସମ୍ମାନ ନିମନ୍ତେ ପ୍ରତ୍ୟେକ ପ୍ରାପକଙ୍କୁ ୨.୫ ଲକ୍ଷ ଟଙ୍କାର ଅର୍ଥରାଶି ସମେତ ଅଙ୍ଗବସ୍ତ୍ର ଓ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା ।

୨୦୧୯ ବର୍ଷ ନିମନ୍ତେ ଅଭିନୟ ପାଇଁ ଶ୍ରୀ ନବକିଶୋର ଆଚାର୍ଯ୍ୟ, ଏବଂ ଶ୍ରୀମତୀ ମମତା ମହାନ୍ତି, ନାଟ୍ୟ ରଚନା ପାଇଁ ଶ୍ରୀ ସୁଧାକର ନନ୍ଦ, ନିର୍ଦ୍ଦେଶନା ପାଇଁ ଶ୍ରୀ ହରିହର ମିଶ୍ର, ମଞ୍ଚକଳା ପାଇଁ ଶ୍ରୀ ପ୍ରଭାସ ଚନ୍ଦ୍ର ମିଶ୍ର, ଲୋକସଂଗୀତ ପାଇଁ ଶ୍ରୀ ରାଧାଶ୍ୟାମ ସାହୁଶର୍ମା, ଲୋକବାଦ୍ୟ ପାଇଁ ଶ୍ରୀ ଶଙ୍କର ପ୍ରଧାନ, ଲୋକନୃତ୍ୟ ପାଇଁ ଶ୍ରୀ କାଳୁଚରଣ ସାହୁ, ଲୋକନାଟ୍ୟ ପାଇଁ ଶ୍ରୀ କର୍ଣ୍ଣ ଗୌଡ଼, ଯନ୍ତ୍ର ସଂଗୀତରେ ଆନନ୍ଦ ତାଳ ପାଇଁ ଡ. ଜଗନ୍ନାଥ କୁଅଁର, ଓ ତାରବାଦ୍ୟ ପାଇଁ ଶ୍ରୀ କୈଳାସ ଚନ୍ଦ୍ର ପାତ୍ର, ଓଡ଼ିଶୀ ନୃତ୍ୟରେ ଶ୍ରୀ ରତିକାନ୍ତ ମହାପାତ୍ର, , ଓଡ଼ିଶୀ କଣ୍ଠ ସଂଗୀତରେ ଶ୍ରୀ ଚନ୍ଦ୍ରମଣି ଲେଙ୍କା, ସୁଗମ ସଂଗୀତରେ ପାଇଁ ଶ୍ରୀ ତାନ୍‌ସେନ୍ ସିଂଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା ।

ଅନୁରୂପ ଭାବରେ ୨୦୨୦ ନିମନ୍ତେ ଅଭିନୟ ପାଇଁ ଶ୍ରୀମତୀ ସୁଶୀଳା ନାୟାର ଏବଂ ଶ୍ରୀ ବିଜୟ କୁମାର ପଟ୍ଟନାୟକ, ନାଟ୍ୟ ରଚନା ପାଇଁ ଶ୍ରୀ ଭାସ୍କର ଚନ୍ଦ୍ର ମହାପାତ୍ର, ନିର୍ଦ୍ଦେଶନା ପାଇଁ ଶ୍ରୀ ସୁବୋଧ ପଟ୍ଟନାୟକ, ମଞ୍ଚକଳା ପାଇଁ ଶ୍ରୀ ପ୍ରଭାତ ମହାରଣା, ଲୋକସଂଗୀତ ପାଇଁ ଶ୍ରୀ ନବୀନ କିଶୋର କୁଅଁର, ଲୋକବାଦ୍ୟ ପାଇଁ ଶ୍ରୀ କିଶୋର

ଚନ୍ଦ୍ର ପ୍ରଧାନ, ଲୋକନୃତ୍ୟ ପାଇଁ ଶ୍ରୀ ନାରାୟଣ ମହାରଣା, ଲୋକନାଟ୍ୟ ପାଇଁ ଶ୍ରୀ ନିର୍ମଳ ଚନ୍ଦ୍ର ରାଉତ, ଯନ୍ତ୍ରସଂଗୀତରେ ଆନଦ୍ଧ ବାଦ୍ୟ(ତବଲା) ପାଇଁ ଶ୍ରୀ ଶରତ କୁମାର ପାଣି, ଓ ସୁଶୀର ବାଦ୍ୟ ପାଇଁ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଓଡ଼ିଶୀ ନୃତ୍ୟ ପାଇଁ ଶ୍ରୀ ଗଜେନ୍ଦ୍ର ପଣ୍ଡା, ଓଡ଼ିଶୀ କଣ୍ଠ ସଂଗୀତ ପାଇଁ ଶ୍ରୀ ରଘୁନାଥ ପାତ୍ର, ସୁଗମ ସଂଗୀତ ପାଇଁ ଶ୍ରୀ ବିଭୁଧେନ୍ଦ୍ର ଦାସ, ପୁରସ୍କୃତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ସଂସ୍କୃତି ନିର୍ଦ୍ଦେଶକ ଶ୍ରୀ ରଂଜନ କୁମାର ଦାସ, ଏକାଡେମୀର ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, ଉପସଭାପତି ଶ୍ରୀ ମନ୍ମଥ କୁମାର ଶତପଥୀ, ସଚିବ ଶ୍ରୀ ପ୍ରବୋଧ ରଥ ପ୍ରମୁଖ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନର ବଜାଶାଲ ଓ ସୋନପୁର ରୁମ୍‌କୁଝୁମାର ସାଂସ୍କୃତିକ କାର୍ଯ୍ୟକ୍ରମ, ଗଞ୍ଜାମର ରବିନ୍ଦ୍ର ମହାନ୍ତି ଓ ସାଥୀଙ୍କ ଘଣ୍ଟବାଦ୍ୟ ଓ ରାଜେନ୍ଦ୍ର ଏବଂ ସାଥୀଙ୍କ ଶଂଖବାଦ୍ୟ ପରିବେଷଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା ।

ସୁବାଷ ନିଆଲ
ସୂଚନା ଅଧିକାରୀ